# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 05th March – 2026

**********************************

## ମୁଖ୍ୟ ସମ୍ବାଦ

- ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାପାଇଁ ଆସନ୍ତାକାଲିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ।

— କଟକ ମୁଣ୍ଡୁଳିଠାରେ ସି.ଆଇ.ଏସ୍.ଏଫ୍.ର ୫୭ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ୮ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପର କରିବେ ଶିଳାନ୍ୟାସ ।

- ୨୦୨୭ ଜନଗଣନା ପାଇଁ ନୂଆଦିଲ୍ଲୀରେ ୪ଟି ଡିଜିଟାଲ୍ ଉପକରଣର ହେଲା ଉନ୍ମୋଚନ ।

- ୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନପାଇଁ ଆଜି ଶେଷ ହେଲା ନାମାଙ୍କନ ପତ୍ର ଦାଖଲ; ଆସନ୍ତାକାଲି ପ୍ରାର୍ଥୀପତ୍ର ଯାଞ୍ଚ୍ ।

ଏବଂ

- ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା ଏବଂ ଆତିଥ୍ୟକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଗୋ-ହୋମ୍‌ଷ୍ଟେ ପୋର୍ଟାଲ୍‌ର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

*Desk*

# ଅମିତ୍ ଶାହା - ଓଡ଼ିଶା ଗସ୍ତ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତାକାଲିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । କଟକ ମୁଣ୍ଡୁଳିସ୍ଥିତ ସି.ଆଇ.ଏସ୍.ଏଫ୍.ର ୫୬ତମ ପ୍ରତିଷ୍ଠା ଦିବସରେ ଶ୍ରୀ ଶାହା ଯୋଗଦେବେ । ସ୍ୱରାଷ୍ଟ୍ର ମନ୍ତ୍ରୀ ଅପରାହ୍ଣରେ ଜଟଣୀଠାରେ ଜାତୀୟ ଫୋରେନ୍‌ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଓ କେନ୍ଦ୍ରୀୟ ଫୋରେନ୍‌ସିକ୍ ବିଜ୍ଞାନ ପରୀକ୍ଷାଗାରର ଭୁବନେଶ୍ୱର କ୍ୟାମ୍ପସ୍ ପାଇଁ ଭୂମିପୂଜନ କରିବେ । ପରେ ଭୁବନେଶ୍ୱରସ୍ଥିତ ଇଡ଼୍‌କୋ ପ୍ରଦର୍ଶନୀ ପଡ଼ିଆ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ଶ୍ରୀ ଶାହାଙ୍କ ଗସ୍ତ ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥିଭବନଠାରେ ସି.ଆଇ.ଏସ୍.ଏଫ୍. ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ସମ୍ମିଳନୀରେ ସି.ଆଇ.ଏସ୍.ଏଫ୍. ମହାନିର୍ଦ୍ଦେଶକ ପ୍ରବୀର ରଞ୍ଜନ କହିଛନ୍ତି, ସ୍ୱରାଷ୍ଟ୍ରମନ୍ତ୍ରୀ ଆସନ୍ତାକାଲି ୮ ହଜାର ଆଠ ଶହ ଅଣାନବେ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୫ଟି ପ୍ରକଳ୍ପର ଶିଳାନ୍ୟାସ କରିବେ । ସେଥିମଧ୍ୟରୁ ୨ଟି ଗୃହନିର୍ମାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ । ସି.ଆଇ.ଏସ୍.ଏଫ୍.ର କ୍ଷମତା ଓ ସାମର୍ଥ୍ୟକୁ ବହୁଗୁଣିତ କରିବାପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଶ୍ରୀ ରଞ୍ଜନ ଗୁରୁତ୍ୱାରୋପ କରିଥିଲେ । ବର୍ତ୍ତମାନ ସମୟରେ ସି.ଆଇ.ଏସ୍.ଏଫ୍. ୨ ଲକ୍ଷ କର୍ମଚାରୀଙ୍କ ସହିତ ୨୫ଟି ରାଜ୍ୟ ଓ ୫ଟି କେନ୍ଦ୍ରଶାସିତ ଅଞ୍ଚଳରେ ୩୬୧ଟି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାନକୁ ସୁରକ୍ଷା ପ୍ରଦାନ କରୁଛି । ସେଥିମଧ୍ୟରେ ୭୧ଟି ବିମାନ

ବନ୍ଦର, ଦିଲ୍ଲୀ ମେଟ୍ରୋ, ୧୦ଟି ରାସାୟନିକ ଏବଂ ଫର୍ଟିଲାଇଜର ସଂସ୍ଥା ଭଳି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ରଞ୍ଜନ କହିଛନ୍ତି ।

***Voice (Praveer Ranjan)*** :............

ସି.ଆଇ.ଏସ୍.ଏଫ୍.ରେ ସର୍ବାଧିକ ସଂଖ୍ୟକ ମହିଳା କର୍ମଚାରୀ ରହିଛନ୍ତି, ଯାହା ବର୍ତ୍ତମାନ ବାହିନୀର ସର୍ବମୋଟ ସଂଖ୍ୟା ବଳର ୮ ପ୍ରତିଶତରୁ ଅଧିକ । ମହିଳା କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ଓ ଦିଲ୍ଲୀରେ ପାରିବାରିକ ପରାମର୍ଶ କେନ୍ଦ୍ର ସ୍ଥାପନ କରାଯାଇଛି । ସି.ଆଇ.ଏସ୍.ଏଫ୍. ପକ୍ଷରୁ ୫ ଲକ୍ଷ ଚାରାରୋପଣ କରାଯାଇ ପରିବେଶ ସୁରକ୍ଷା କ୍ଷେତ୍ରରେ ନୂତନ ମାଇଲଖୁଣ୍ଟ ସ୍ଥାପନ କରାଯାଇଛି । ବନ୍ଦେ ମାତରମ୍, କୋଷ୍ଟାଲ୍ ସାଇକ୍ଲୋଥଡ଼୍-୨୦୨୬ର ଦ୍ୱିତୀୟ ସଂସ୍କରଣ ସି.ଆଇ.ଏସ୍.ଏଫ୍. ପକ୍ଷରୁ ଆରମ୍ଭ ହୋଇଥିଲା । 'ସୁରକ୍ଷିତ ତଟ, ସମୃଦ୍ଧ ଭାରତ'ର ବାର୍ତ୍ତା ନେଇ ୧୩୦ ଜଣ ସି.ଆଇ.ଏସ୍.ଏଫ୍. କର୍ମଚାରୀ ୬ ହଜାର ୫୫୩ କିଲୋମିଟର ଯାତ୍ରା କରିଥିଲେ, ଯାହା ପ୍ରାୟ ୩୦ ଲକ୍ଷ ନାଗରିକଙ୍କ ସହ ପରସ୍ପର ସଂଯୋଗ ସୃଷ୍ଟି କରିଛି ।

***Cuttack/R***

# ନ୍ୟାୟ ସଂହିତା ପ୍ରଦର୍ଶନୀ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତାକାଲି ଭୁବନେଶ୍ୱରସ୍ଥିତ ୟୁନିଟ୍-୩ର ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ନ୍ୟାୟ ସଂହିତା ପ୍ରଦର୍ଶନୀର ଉଦ୍‌ଘାଟନ କରିବେ । ନୂତନ ଅପରାଧିକ ଆଇନରେ ଐତିହାସିକ ସଂଶୋଧନ ଓ ନୂତନ

ନ୍ୟାୟ ବ୍ୟବସ୍ଥା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଓଡ଼ିଶା ପୁଲିସ ପକ୍ଷରୁ ଏହି ପ୍ରଦର୍ଶନୀର ଆୟୋଜନ କରାଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ । ପ୍ରଦର୍ଶନୀ ଜନସାଧାରଣଙ୍କ ନିମନ୍ତେ ଆସନ୍ତା ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ ବୋଲି ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସୂଚନା ଦେଇଛନ୍ତି ।

ଭୁବନେଶ୍ୱରସ୍ଥିତ ପୁଲିସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଖୁରାନିଆ କହିଛନ୍ତି, କେନ୍ଦ୍ର ସରକାରଙ୍କଦ୍ୱାରା ସଂଶୋଧିତ ହୋଇ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମର ପ୍ରବର୍ତ୍ତନ କରାଯାଇଛି । ଏହି ନୂତନ ଆଇନଗୁଡ଼ିକ ୨୦୨୪ ମସିହା ଜୁଲାଇ ପହିଲାରୁ କାର୍ଯ୍ୟକାରୀ କରାଯାଇଛି ବୋଲି ଶ୍ରୀ ଖୁରାନିଆ କହିଛନ୍ତି ।

***Voice (Y.B. Khurania) :........***

***PIB***

## ଜନଗଣନା

ଜନଗଣନା-୨୦୨୭ ପାଇଁ ୪ଟି ଡିଜିଟାଲ୍ ଉପକରଣ ସହିତ ମାସ୍କଟ୍ ପ୍ରଗତୀ-ମହିଳା ଏବଂ ବିକାଶ-ପୁରୁଷକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀରେ ଉନ୍ମୋଚନ କରିଛନ୍ତି । ସେଣ୍ଟର ଫର୍ ଡେଭ୍ଲପ୍‌ମେଣ୍ଟ ଅଫ୍

ଆଡ୍‌ଭାନ୍ସଡ୍ କମ୍ପ୍ୟୁଟିଂ-ସି.-ଡି.ଏ.ସି ସମଗ୍ର ଦେଶରେ ଗଣନା କାର୍ଯ୍ୟକୁ ସହଜ କରିବାପାଇଁ ଉନ୍ନତ ଡିଜିଟାଲ୍ ପ୍ଲାଟ୍‌ଫର୍ମ ବିକଶିତ କରିଛି । ଦୁଇଟି ପର୍ଯ୍ୟାୟରେ ଜନଗଣନା କରାଯିବ । ପ୍ରଥମ ଥରପାଇଁ ଜନଗଣନା ଡିଜିଟାଲ୍ ଭାବରେ କରାଯିବ । ଏଥିରେ ସ୍ୱୟଂ ଗଣନାର ବିକଳ୍ପ ଉପଲବ୍ଧ ରହିଛି । ସ୍ୱ-ଗଣନା ସୁବିଧାରେ ୧୬ଟି ଭାଷାରେ ଉତ୍ତରଦାତା ଘରେ ବସି ଅନ୍‌ଲାଇନ୍‌ରେ ସୂଚନା ଦାଖଲ କରିପାରିବେ । ଜନଗଣନା-୨୦୨୭ର ପ୍ରତୀକ ପ୍ରଗତି ଓ ବିକାଶ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନରେ ମହିଳା ଓ ପୁରୁଷଙ୍କ ସମାନ ଅଂଶଗ୍ରହଣର ପ୍ରତୀକ ବୋଲି ଶ୍ରୀ ଶାହା କହିଛନ୍ତି । ଜନଗଣନା କାର୍ଯ୍ୟରେ ସମଗ୍ର ଦେଶର ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଗଣନାକାରୀ, ପର୍ଯ୍ୟବେକ୍ଷକ ଓ ଅଧିକାରୀ ସାମିଲ୍ ହେବେ ବୋଲି ଜଣାପଡ଼ିଛି ।

***Desk***

## ରାଜ୍ୟସଭା - ନାମାଙ୍କନ

୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନ ପାଇଁ ଆଜି ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି । ବିଜେପି ପକ୍ଷରୁ ମନମୋହନ ସାମଲ ଏବଂ ସୁଜିତ୍ କୁମାର ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଦଳୀୟ କାର୍ଯ୍ୟାଳୟରୁ ସମର୍ଥକଙ୍କ ସହିତ ଶୋଭାଯାତ୍ରାରେ ବାହାରି ଦୁଇଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଦାଖଲ ସମୟରେ ବି.ଜେ.ପି. ଓଡ଼ିଶା ପ୍ରଭାରୀ ବିଜୟ

ପାଲ୍‌ସିଂ ତୋମାର, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକ ବର୍ଦ୍ଧନ ସିଂହଦେଓ ପ୍ରମୁଖ ଉପସ୍ଥିତ ଥିଲେ ।

ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ମଧ୍ୟ ନାମାଙ୍କନ ପତ୍ର ଦାଖଲ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

ବିଜେଡି ପକ୍ଷରୁ ମନୋନୀତ ଡକ୍ଟର ସଂତୃପ୍ତ ମିଶ୍ର ଏବଂ କଂଗ୍ରେସ ଓ ବିଜେଡ଼ି ସମର୍ଥନରେ ସାଧାରଣ ପ୍ରାର୍ଥୀ ଭାବେ ଡାକ୍ତର ଦଣ୍ଡେଶ୍ୱର ହୋତା ରାଜ୍ୟସଭା ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ସମୟରେ ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ, ପିସିସି ସଭାପତି ଭକ୍ତ ଦାସଙ୍କ ସମେତ ଉଭୟ ଦଳର ବହୁ ନେତା ଉପସ୍ଥିତ ଥିଲେ।

ଆସନ୍ତାକାଲି ପ୍ରାର୍ଥୀପତ୍ର ଯାଞ୍ଚ ସହ ୯ ତାରିଖକୁ ପ୍ରତ୍ୟାହାରର ଶେଷ ତାରିଖ ରଖାଯାଇଛି। ଆସନ୍ତା ୧୬ ତାରିଖ ଦିନ ଏହି ଆସନଗୁଡ଼ିକ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ସେଥିମଧ୍ୟରେ ଓଡ଼ିଶାର ୪ଟି ରାଜ୍ୟସଭା ଆସନ ଅର୍ନ୍ତଭୁକ୍ତ।

***Desk***

# ଗୋ-ହୋମ୍‌ଷ୍ଟେ ପୋର୍ଟାଲ୍

ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା ଏବଂ ଆତିଥ୍ୟକୁ ବିଶ୍ୱ ଦରବାରରେ ପରିଚିତ କରାଇବାପାଇଁ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭୁବନେଶ୍ୱରଠାରେ ଗୋ-ହୋମ୍‌ଷ୍ଟେ ପୋର୍ଟାଲ୍‌ର ଶୁଭାରମ୍ଭ କରିଛନ୍ତି ।

ଶ୍ରୀମତୀ ପରିଡ଼ା କହିଛନ୍ତି, ଏହି ପଦକ୍ଷେପ ଓଡ଼ିଶାରେ ସମୁଦାୟ ନେତୃତ୍ୱାଧୀନ ପର୍ଯ୍ୟଟନକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଅଂଶୀଦାରମାନଙ୍କୁ ସଚେତନ କରିବା ଏବଂ ଓଡ଼ିଶା ହୋମ୍‌ଷ୍ଟେ ସ୍କିମ୍-୨୦୨୫କୁ କାର୍ଯ୍ୟକାରୀ କରାଇବା ଲକ୍ଷ୍ୟରେ ଏକ କର୍ମଶାଳାର ମଧ୍ୟ ଆୟୋଜନ କରାଯାଇଛି । ପର୍ଯ୍ୟଟନଭିତ୍ତିକ ବିକାଶ ମାଧ୍ୟମରେ ଗ୍ରାମାଞ୍ଚଳର ପରିବାର, ମହିଳା ଏବଂ ସ୍ଥାନୀୟ ଉଦ୍ୟୋଗୀଙ୍କୁ ସଶକ୍ତ କରି ଅନ୍ତର୍ଭୁକ୍ତ ବିକାଶପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି । ଏହି ଅବସରରେ ବିଭିନ୍ନ ଅଧିବେଶନର ଆୟୋଜନ ସହିତ ଯୋଜନାର କାର୍ଯ୍ୟକାରୀ ନିର୍ଦ୍ଦେଶାବଳୀ ଉପରେ ବିସ୍ତୃତ ଉପସ୍ଥାପନ ଏବଂ ପୋର୍ଟାଲ ପରିଚାଳନାର ପ୍ରଦର୍ଶନୀ କରାଯାଇଥିଲା ।

***IPR***

## ମୁଖ୍ୟ ଶାସନ ସଚିବ - ସମୀକ୍ଷା

ଭୁବନେଶ୍ୱର ଖାରବେଳ ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟର ଆର୍ଥିକ ସ୍ଥିତି ଏବଂ ଚଳିତବର୍ଷ ଫେବୃୟାରୀ ମାସ ଶେଷ ସୁଦ୍ଧା ହୋଇଥିବା ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଅନୁମୋଦିତ ଖର୍ଚ୍ଚ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଛି । ଶ୍ରୀମତୀ ଗର୍ଗ ସମସ୍ତ ବିଭାଗକୁ ଧାର୍ଯ୍ୟ ସମୟ ମଧ୍ୟରେ ଚଳିତ ମାସ ଶେଷ ସୁଦ୍ଧା ବଜେଟ୍

ଅନୁମୋଦନ ହିସାବରେ ଖର୍ଚ୍ଚ ଉପଯୋଗ ଏବଂ ଆଗାମୀ ୨୦୨୬-୨୭ ଆର୍ଥିକ ବର୍ଷପାଇଁ ବଜେଟ୍‌ରେ ପ୍ରସ୍ତାବିତ ନୂତନ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ପାଇଁ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଉନ୍ନୟନ କମିଶନର୍ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ କମିଶନର୍‌ମାନେ ଉପସ୍ଥିତ ଥିଲେ ।

***Desk, Cuttack, Bhadrak. Boudh/R***

# ବିଜୁ ଜୟନ୍ତୀ

ମହାନ୍ ଜନନାୟକ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ୧୧୦ତମ ଜୟନ୍ତୀ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି । ବିଧାନସଭା ପରିସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପଟ୍ଟନାୟକଙ୍କୁ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ାଙ୍କ ସମେତ ବହୁ ମନ୍ତ୍ରୀ, ବିଧାୟକ ତଥା ଦଳୀୟ କର୍ମକର୍ତ୍ତାମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

ବିଜୁବାବୁଙ୍କ ଜୟନ୍ତୀ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ପାର୍କରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ବିଜୁବାବୁ 'କାଳିଙ୍ଗାଃ ସାହସିକାଃ'ର ମାନ ରଖିଥିଲେ ବୋଲି  ସମ୍ମିଳନୀର ସଭାପତି ଦିଲୀପ ଦାଶଶର୍ମା କହିଛନ୍ତି ।

ଏହି ଅବସରରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ ଆନନ୍ଦ ଭବନ ସ୍ଥିତ ବିଜୁ ପଟ୍ଟନାୟକ ସଂଗ୍ରହାଳୟରେ ଆୟୋଜିତ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ବୁଲି ଦେଖିଥିଲେ । ଅତିରିକ୍ତ ଜିଲ୍ଲାପାଳ କମଲଜିତ୍ ଦାସ ବିଜୁ ପଟ୍ଟନାୟକ ଛକସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଏବଂ ଯୋବ୍ରାର ଆନିକଟ୍ ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

ଭଦ୍ରକ ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଭଦ୍ରକ ବ୍ଲକ୍ ସଭାପତି ପ୍ରଫୁଲ୍ଲ ନାୟକଙ୍କ ଅଧ୍ୟକ୍ଷତାରେ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି ।

ବୌଦ୍ଧ ଜିଲ୍ଲାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଅବସରରେ ବିଜୁବାବୁଙ୍କ ସ୍ମୃତିଚାରଣ କରିବା ସହ ଜନସାଧାରଣ, ବରିଷ୍ଠ ନାଗରିକ ତଥା ଦଳୀୟ ନେତାମାନେ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଆହ୍ୱାନ ଦେଇଥିଲେ ।

***Baragarh/R***

# ସୂଚନା ଅଧିକାର କର୍ମଶାଳା

ସୂଚନା ଅଧିକାର ଅଧିନିୟମ-୨୦୦୫ ଉପରେ ଜିଲ୍ଲାସ୍ତରୀୟ କର୍ମଶାଳା ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍ କାର୍ଯ୍ୟକ୍ରମରେ ଯୋଗଦେଇ ସୂଚନା ଅଧିକାର ଅଧିନିୟମର ସଫଳ କାର୍ଯ୍ୟାନ୍ୱୟନ ଏବଂ ଜନସାଧାରଣ ସଠିକ୍ ତଥ୍ୟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ ।

******